# NATIONAL NEWS BULLETIN (ODIA)

**19 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମହାକାଶଚାରୀଙ୍କ ସଫଳ ପ୍ରତ୍ୟାବର୍ତ୍ତନ ଅଭିଯାନରେ ସଂଶ୍ଳିଷ୍ଟ ସମସ୍ତ ଅଂଶୀଦାରଙ୍କୁ ଶୁଭେଚ୍ଛା ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

- ସରକାରୀ ପୁଞ୍ଜିକୁ ବ୍ୟବସ୍ଥିତ ଭାବେ ଉପଯୋଗ କରିବା ନେଇ ସମୀକ୍ଷା କରିବାକୁ ସଂସଦ ସଦସ୍ୟଙ୍କୁ ଆହ୍ୱାନ ଦେଲେ ଉପରାଷ୍ଟ୍ରପତି

- ବିଶ୍ୱରେ ବର୍ତ୍ତମାନ ସୁରକ୍ଷିତ ଏବଂ ବିଶ୍ୱସନୀୟ ଭାଗିଦାରିତାକୁ ପ୍ରାଥମିକତା ପ୍ରଦାନ କରାଯାଉଛି, କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ

- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତିନିଧି ଏବଂ ଆନ୍ଦୋଳନରତ କୃଷକଙ୍କ ମଧ୍ୟରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ଆରମ୍ଭ

ଏବଂ

- ନୂଆଦିଲ୍ଲୀଠାରେ ଆସନ୍ତା କାଲିଠାରୁ ଆରମ୍ଭ ହେବ ଖେଲୋ ଇଣ୍ଡିଆ ପାରାକ୍ରୀଡ଼ା ପ୍ରତିଯୋଗିତା

---

## ପିଏମ୍-ସୁନିତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ରିଉ-ନାଇନ୍ ଅଭିଯାନକୁ ସଫଳ କରିବାରେ ନିରବଚ୍ଛିନ୍ନ କାର୍ଯ୍ୟ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମହାକାଶଚାରୀ ସୁନିତା

ୱିଲିୟମସ ଓ ତାଙ୍କର ୯ଜଣ ସାଥୀ ସାରା ବିଶ୍ୱକୁ ସେମାନଙ୍କର କଠିନ ସାଧନା ଓ ଅଧ୍ୟବସାୟ ପ୍ରଦର୍ଶନ କରିଥିବା କହିଛନ୍ତି । ମଣିଷ ମଧ୍ୟରେ ଥିବା ଅପୂର୍ବ ସାହସ ଶକ୍ତିର ଏହା ଏକ ପରୀକ୍ଷା । ଅଜଣା ଅଞ୍ଚଳରେ ମହାକାଶଚାରୀମାନେ ଦେଖାଇଥିବା ଅତୁଟ ଆତ୍ମବିଶ୍ୱାସ ସବୁଦିନ ପାଇଁ ଲକ୍ଷଲକ୍ଷ ଲୋକଙ୍କୁ ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସୁନୀତା ୱିଲିୟମସ୍ ତାଙ୍କ ପେଶାଦାର ଜୀବନକାଳରେ କାଳରେ ସବୁବେଳେ ପ୍ରଶଂସନୀୟ କାର୍ଯ୍ୟ କରିଆସିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ସୁନୀତା

ମହାକାଶରେ ୯ ମାସ ବିତେଇବା ପରେ ଆଜି ଫେରିଆସିଥିବା ନାସାର ମହାକାଶଚାରୀ ସୁନିତା ୱିଲିୟମ୍ସ ଏବଂ ବୋଚ୍ ୱିଲମୋରଙ୍କୁ ପୃଥିବୀର ମାଧ୍ୟାକର୍ଷଣ ବଳ ସହିତ ଖାପଖୁଆଇବା ପାଇଁ ୪୫ ଦିନିଆ ଥଇଥାନ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ଦୁଇ ମହାକାଶଚାରୀ ଆଜି ସକାଳେ ଫ୍ଲୋରିଡାସ୍ଥିତ ପାମ୍ ହାଣ୍ଡ୍‌ଲେର ତଲ୍ଲାହାସୀ ଉପକୂଳରେ ନିରାପଦରେ ଅବତରଣ କରିଥିଲେ । ବହୁଦିନ ଧରି ମହାକାଶରେ ରହି ପୃଥିବୀ ପୃଷ୍ଠକୁ ଫେରିଥିବାରୁ ସେମାନଙ୍କୁ ଶାରୀରିକ ବ୍ୟାୟାମ ପ୍ରକ୍ରିୟା ମାଧ୍ୟମରେ ପୁଣି ସ୍ୱାଭାବିକ ଅବସ୍ଥାକୁ ଅଣାଯିବ । ସେମାନଙ୍କ ପାଇଁ ତିନୋଟି ପର୍ଯ୍ୟାୟରେ ଥଇଥାନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ । ପ୍ରଥମ ପର୍ଯ୍ୟାୟରେ ମାଂସପେଶୀକୁ ଦୃଢ଼ କରାଇବା ସହ ସେମାନଙ୍କୁ ଚଳନକ୍ଷମ କରାଇବା ପାଇଁ ଅଭ୍ୟାସ କରାଯିବ ।

## ଆରଏସ୍-ଧନଖଡ଼

ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ ସରକାରଙ୍କ ପୁଞ୍ଜିକୁ ବ୍ୟବସ୍ଥିତ ଭାବେ ଉପଯୋଗ କରିବାକୁ ହେଲେ ଦେଶରେ ପ୍ରଦାନ କରାଯାଉଥିବା ମାଗଣା ସୁବିଧା ସୁଯୋଗ ସଂପର୍କରେ ସଂସଦ ସଦସ୍ୟଙ୍କୁ ସମୀକ୍ଷା କରିବାକୁ ଆହ୍ବାନ କରିଛନ୍ତି । ଭୋଟ ବ୍ୟବସ୍ଥା ମତଦାତାଙ୍କୁ ଲୋଭ ଦେଖାଇବାର ବ୍ୟବସ୍ଥାରେ ପରିଣତ ହେଉଥିବାରୁ ନୂତନ ସରକାର ଗଠନ ହେବା ପରେ ସରକାର ଅଡୁଆ ପରିସ୍ଥିତିରେ ପଡୁଥିବା ଶ୍ରୀ ଧନଖଡ଼ କହିଛନ୍ତି । ଏ ସଂପର୍କରେ ଜାତୀୟ ନୀତି ପ୍ରସ୍ତୁତ କରିବା ଉପରେ ସେ ଗୁରୁତ୍ବାରୋପ କରିଛନ୍ତି ।

---

## ଆର୍‌ଏସ୍-ଟେରରିଜିମ୍

ସନ୍ତ୍ରାସବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଥିବାରୁ ଦେଶରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ବ୍ୟାପକ ଭାବେ ହ୍ରାସ ପାଇଛି । ରାଜ୍ୟସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏ ପ୍ରସଙ୍ଗରେ କହିଛନ୍ତି, ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍‌ଆଇଏ କୁ ଦେଶ ଓ ଦେଶ ବାହାରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ଦମନ କରିବା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଅଧିକ କ୍ଷମତା ପ୍ରଦାନ କରାଯାଇଛି । ସାନଫ୍ରାନ୍‌ସିସ୍କୋ ଏବଂ ଲଣ୍ଡନଠାରେ ଥିବା ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ଉପରେ ସନ୍ତ୍ରାସବାଦୀ ଆକ୍ରମଣର ତଦନ୍ତ ଏନଆଇଏ କରୁଥିବା ମନ୍ତ୍ରୀ ଶ୍ରୀ ରାୟ କହିଛନ୍ତି । ଦେଶରୁ ସନ୍ତ୍ରାସବାଦର ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାର କଡ଼ା ପଦକ୍ଷେପ ଗ୍ରହଣ କରୁଥିବା ମନ୍ତ୍ରୀ କହିଛନ୍ତି ।

---

## ରାଇସିନା-ଜୟଶଙ୍କର

ସମଗ୍ର ବିଶ୍ୱରେ ବର୍ତ୍ତମାନ ସୁରକ୍ଷିତ ଏବଂ ବିଶ୍ୱସନୀୟ ଭାଗିଦାରୀତାକୁ ପ୍ରାଥମିକତା ପ୍ରଦାନ କରାଯାଉଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି । ନୂଆଦିଲ୍ଲୀଠାରେ ଚାଲିଥିବା ରାଇସିନା ଆଲୋଚନା ସମ୍ମିଳନୀକୁ ସମ୍ବୋଧନ କରି ଡକ୍ଟର ଜୟଶଙ୍କର ଜାତୀୟ ନିରାପତ୍ତା ଏବଂ ବ୍ୟବସାୟିକ ନିଷ୍ପତ୍ତି ମଧ୍ୟରେ ସମନ୍ୱୟ ସଂପର୍କରେ ଆଲୋକପାତ କରିଛନ୍ତି । ବିଶ୍ୱ ଅର୍ଥନୈତିକ ରଣନୀତିରେ ପରିବର୍ତ୍ତନ ଉପରେ ଆଲୋକପାତ କରି ଡକ୍ଟର ଜୟଶଙ୍କର କହିଛନ୍ତି, ଜାତୀୟ ନିରାପତ୍ତାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ରାଷ୍ଟ୍ର ବ୍ୟବସାୟିକ ନିଷ୍ପତ୍ତି ଗ୍ରହଣ କରୁଛନ୍ତି। ପୂର୍ବରୁ ଏଭଳି ପରିସ୍ଥିତି ଦେଖିବାକୁ ମିଳୁନଥିଲା । ଭାରତର ବାଣିଜ୍ୟିକ ପରିସ୍ଥିତି ଉପରେ ମତ ରଖି ଡକ୍ଟର ଜୟଶଙ୍କର କହିଛନ୍ତି, ୟୁରୋପୀୟ ସଂଘ ବ୍ରିଟେନ୍, ଏବଂ ଯୁକ୍ତରାଷ୍ଟ୍ର ଆମେରିକା ସହିତ ମୁକ୍ତ ବାଣିଜ୍ୟ ବୁଝାମଣା ନେଇ ଭାରତର ଆଲୋଚନା ଜାରି ରହିଛି । ଭାରତର ଅର୍ଥନୈତିକ ଅଭିବୃଦ୍ଧି, ବୈଷୟିକ ଜ୍ଞାନକୌଶଳ ଏବଂ ରଣନୈତିକ କ୍ଷେତ୍ର ଗୁଡ଼ିକ ପାଇଁ ଏହା ବିଶେଷ ଉପଯୋଗୀ ହୋଇପାରିବ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

---

## ଶାହା-ସିଆରପିଏଫ୍ ଡେ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ ସିଆରପିଏଫ୍‌ର ଯବାନଙ୍କୁ ଆଜି ସିଆରପିଏଫ୍ ପ୍ରତିଷ୍ଠା ଦିବସ ୨୦୨୫ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି ୧୯୫୦ ମସିହାରେ ସିଆରପିଏଫ୍‌କୁ ରାଷ୍ଟ୍ରପତି କଲର ସମ୍ମାନ ମିଳିଥିଲା । ସେହିଦିନଠାରୁ ପ୍ରତିଷ୍ଠା ଦିବସ ପାଳନ କରାଯାଇ ଆସୁଛି । ଦେଶପାଇଁ

ଆତ୍ମବଳୀ ଦେଇଥିବା ସମସ୍ତ ଯୋଦ୍ଧାଙ୍କୁ ସେ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

## ଏମ୍‌ପି-ଆକ୍ସିଡେଣ୍ଟ

ମଧ୍ୟପ୍ରଦେଶର ଶିବପୁରୀ ନିକଟ ମାତା ତିଲ ଡ୍ୟାମରେ ଡଙ୍ଗାବୁଡ଼ି ଘଟଣାର ନିଖୋଜ ବ୍ୟକ୍ତିଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଗତକାଲି ୧୫ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ତେବେ ୫ ଜଣଙ୍କ ମୃତଦେହ ଇତିମଧ୍ୟରେ ଉଦ୍ଧାର ହୋଇଥିବା ବେଳେ ୨ ଜଣ ଏବେ ବି ନିଖୋଜ ଅଛନ୍ତି ।

ସୂଚନାଯୋଗ୍ୟ, ଡଙ୍ଗାରେ ଯାତ୍ରୀମାନେ ଡ୍ୟାମ ଅଞ୍ଚଳରେ ଥିବା ଏକ ମନ୍ଦିରକୁ ଯାଉଥିଲାବେଳେ ଏହି ଦୁର୍ଘଟଣା ଘଟିଥିଲା । ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଦୁର୍ଘଟଣା ପାଇଁ କ୍ଷୋଭ ପ୍ରକାଶ କରିଛନ୍ତି ।

## ପଞ୍ଜାବ ଫାର୍ମର୍ସ ମିଟିଂ

କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପ୍ରତିନିଧିମାନନଙ୍କ ସହିତ ଆଜି ଆନ୍ଦୋଳନରତ ପଞ୍ଜାବର କୃଷକମାନଙ୍କର ଚଣ୍ଡୀଗଡ଼ରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହୋଇଛି । କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ, ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋୟଲ ଏବଂ ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ବେଳେ ପଞ୍ଜାବର କୃଷିମନ୍ତ୍ରୀ ଗୁରୁମିତ ସିଂହ ଖୁଦିଆନ,ଅର୍ଥମନ୍ତ୍ରୀ ହରପାଲ ସିଂ ଚିମା, କ୍ୟାବିନେଟ୍ ମନ୍ତ୍ରୀ ଚେତନ ସିଂ ଜୌରା ମାଜରା ରାଜ୍ୟ ସରକାରଙ୍କ ପ୍ରତିନିଧିତ୍ୱ କରୁଛନ୍ତି । କୃଷକମାନଙ୍କ ପକ୍ଷରୁ ଅଣରାଜନୈତିକ ସାନ୍ୟୁକତ୍ କିଷାନ ମୋର୍ଚ୍ଚାର ସଭାପତି ଜଗଦୀଶ ସିଂ ଦାଲେୱାଲଙ୍କ ସମେତ ଅନ୍ୟାନ୍ୟ

ନେତାମାନେ ଆଲୋଚନାରେ ଅଂଶ ଗ୍ରହଣ କରିଛନ୍ତି । ସୂଚନାଯୋଗ୍ୟ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ଫେବୃୟାରୀ ୨୨ ତାରିଖରେ କୃଷକମାନଙ୍କ ସହ ଆଲୋଚନା ପାଇଁ ବୈଠକ ଆହ୍ୱାନ କରାଯାଇଥିଲା । ଆଜି ବୈଠକର ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ଚଣ୍ଡୀଗଡ଼ରେ ଆରମ୍ଭ ହୋଇଛି ।

## ନେତାନ୍ୟାହୁ

ଗାଜାରେ ଗତ ୨ ମାସ ଧରି ବଜାୟ ରହିଥିବା ଶାନ୍ତି ପ୍ରକ୍ରିୟା ବ୍ୟାହତ ହୋଇଛି । ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଗାଜା ଷ୍ଟ୍ରୀପ୍‌ରେ ହମାସ୍ ବିରୁଦ୍ଧରେ ପୁଣି ଜୋରଦାର ଆକ୍ରମଣ ଆରମ୍ଭ କରାଯାଇଥିବା ସ୍ପଷ୍ଟ କରିଛନ୍ତି । ଗାଜା ଉପରେ ଆକାଶମାର୍ଗରୁ ଆକ୍ରମଣ କରାଯାଇ ୪୦୦ ଜଣଙ୍କ ମୃତ୍ୟୁ ଘଟିବା ପରେ ଶ୍ରୀ ନେତାନ୍ୟାହୁ କହିଛନ୍ତି, ଇସ୍ରାଏଲ୍ ପକ୍ଷରୁ ଏହିଭଳି ଅଭିଯାନ ଜାରି ରହିବ । ଜାତୀୟ ଟେଲିଭିଜନରେ ଭିଡ଼ିଓ ବାର୍ତ୍ତା ଦେଇ ଅଞ୍ଚଳରେ ହମାସ୍‌ର ମୂଳୋତ୍ପାଟନ ନ ହେବା ଯାଏଁ ଇସ୍ରାଏଲ୍ ପକ୍ଷରୁ ଯୁଦ୍ଧ ଅଭିଯାନ ଜାରି ରହିବ ବୋଲି ଶ୍ରୀ ନେତାନ୍ୟାହୁ ସତର୍କ କରିଛନ୍ତି । ହମାସ୍ ଓ ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ବିରତି ଓ ଶାନ୍ତି କଥାବାର୍ତ୍ତାରେ କୌଣସି ଅଗ୍ରଗତି ନ ଘଟିବାରୁ ଏହିଭଳି ଅବସ୍ଥା ସୃଷ୍ଟି ହୋଇଥିବା ଶ୍ରୀ ନେତାନ୍ୟାହୁ କହିଛନ୍ତି । ପଣବନ୍ଦୀମାନଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ଶ୍ରୀ ନେତାନ୍ୟାହୁଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା । ଇସ୍ରାଏଲ୍‌ବାସୀ ଏହି ପ୍ରସଙ୍ଗରେ ନେତାନ୍ୟାହୁଙ୍କ ବିରୁଦ୍ଧରେ ବିକ୍ଷୋଭ କରିବା ପରେ ପୁଣି ହମାସ୍ ଉପରେ ଅକ୍ରମଣ କରାଯାଇଥିବା ଜଣାପଡ଼ିଛି ।

# ଖେଲୋ ଇଣ୍ଡିଆ ପାରା ଗେମ୍ସ

ନୂଆଦିଲ୍ଲୀରେ ଆସନ୍ତାକାଲି ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା ୨୦୨୫ ଆରମ୍ଭ ହେବ । ଗତକାଲି ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟଙ୍କ ଉପସ୍ଥିତିରେ ଖେଲୋ ଇଣ୍ଡିଆ କ୍ରୀଡ଼ାର ସଂଗୀତ, ମାସ୍କଟ ଓ ଲୋଗୋ ଉନ୍ମୋଚିତ ହୋଇଛି । ଆସନ୍ତାକାଲିଠାରୁ ଏହି କ୍ରୀଡ଼ା ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଚଳିତ ଖେଲୋ ଇଣ୍ଡିଆ  କ୍ରୀଡ଼ାରେ ପ୍ରାୟ ୧୩୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ । ଏହି ଅଭିଯାନ ଦେଶର କ୍ରୀଡ଼ାବିତ୍‌ମାନଙ୍କୁ ଅନନ୍ୟ ମଞ୍ଚ ପ୍ରଦାନ କରି ସେମାନଙ୍କୁ ବିଶ୍ୱସ୍ତରକୁ ଉନ୍ନୀତ କରିପାରିଛି ବୋଲି ମନ୍ତ୍ରୀ ଶ୍ରୀ ମାଣ୍ଡବ୍ୟ କହିଛନ୍ତି । କ୍ରୀଡ଼ାର ସମସ୍ତ ପ୍ରତିଯୋଗୀଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି ।

---

# କବାଡ଼ି ୱାର୍ଲଡ କପ୍

କବାଡ଼ି ବିଶ୍ୱକପ୍-୨୦୨୫ରେ ଆଜି ଭାରତ-ହଂକଂ ଚାଇନାକୁ ଭେଟିବାକୁ ଥିବା ବେଳେ ସ୍କଟଲ୍ୟାଣ୍ଡ ଓ ଇଟାଲୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।  ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଗତକାଲି ପୁରୁଷବର୍ଗରେ ଭାରତ ଏବଂ ସ୍କଟଲ୍ୟାଣ୍ଡ୍ ମଧ୍ୟରେ ପ୍ରତିଯୋଗିତା ଅମୀମାଂସିତ ଭାବେ ଶେଷ ହୋଇଥିଲା । ଇଂଲଣ୍ଡର ୱୁଲ୍‌ଭର୍ ହାମ୍ପଟନ୍ ଠାରେ ଗତରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ଉଭୟ ଦଳ ୬୪ ପଏଣ୍ଟ ଲେଖାଏଁ ହାସଲ କରିଥିଲେ ।

# ବ୍ୟାଡମିଣ୍ଟନ

ସ୍ୱିଜରଲ୍ୟାଣ୍ଡର ବସେଲ୍‌ଠାରେ ଚାଲିଥିବା ସ୍ୱିସ୍ ଓପନ୍ ବ୍ୟାଡମିଣ୍ଟନର ଦ୍ୱିତୀୟ ରାଉଣ୍ଡରେ ଭାରତୀୟ ଯୋଡ଼ି ତ୍ରିସା ଜଲି ଓ ଗାୟତ୍ରୀ ଗୋପିଚାନ୍ଦ

ପହଞ୍ଚିଛନ୍ତି । ସେମାନେ ଆସନ୍ତାକାଲି ପ୍ରିକ୍ୱାର୍ଟରର ଫାଇନାଲ୍‌ରେ ଜର୍ମାନ ଯୋଡ଼ି ସେଲିନ୍ ହବ୍‌ସ ଓ ଆମେଲି ଲେମ୍ୟାନଙ୍କୁ ଭେଟିବେ । ଅନ୍ୟପକ୍ଷରେ ଦୁଇଥର ଅଲମ୍ପିକ୍ ପଦକ ବିଜେତା ପି.ଭି. ସିନ୍ଧୁ ମହିଳା ଏକକ ବର୍ଗରେ ଡେନମାର୍କର ଜୁଲି ଦଓ୍ୱାଲଙ୍କୁ ଆଜି ପ୍ରଥମ ରାଉଣ୍ଡରେ ଭେଟିବେ । ପୁରୁଷ ଏକକ ବର୍ଗରେ ଆଜି  ଦୁଇ ଜଣ ଭାରତୀୟ ବ୍ୟାଡମିଣ୍ଟନ ତାରକା କିଦାମ୍ବୀ ଶ୍ରୀକାନ୍ତ ଓ ଏଚ୍.ଏସ୍. ପ୍ରଣୟଙ୍କ ମଧ୍ୟରେ ମୁକାବିଲା ହେବ ।  ପ୍ରିୟାଂଶୁ ରାଜୁଓ୍ୱାତ, କିରଣ ଜର୍ଜ, ଅଖିଳ୍ ସେଠୀ ଓ ଶଙ୍କର ସୁବ୍ରମଣ୍ୟମ ସେମାନଙ୍କର ପ୍ରଥମ ରାଉଣ୍ଡ ମ୍ୟାଚ୍ ଖେଳିବେ ।

---

## ଫୁଟବଲ-ଇଣ୍ଡିଆ-ମାଲଦୀପ୍‌ସ

ଭାରତ ଏବଂ ମାଲଦୀପ ମଧ୍ୟରେ ଆଜି ସିଲଂଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଖେଳାଯିବ । ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଆସନ୍ତା ୨୫ ତାରିଖରେ ଏଏଫ୍‌ସି ଏସିଆନ୍ କପ୍ କ୍ୱାଲିଫାୟର ପର୍ଯ୍ୟାୟ ପାଇଁ ବାଂଲାଦେଶ ବିପକ୍ଷରେ ଭାରତରେ ଖେଳିବାକୁ ଥିବା ମ୍ୟାଚ୍ ଅବ୍ୟବହିତ ପୂର୍ବରୁ ଏହା ଏକ ପ୍ରସ୍ତୁତି ମ୍ୟାଚ୍ ବୋଲି ପରିଗଣିତ କରାଯାଉଛି ।

---